
# ଦ୍ୱିତୀୟ ପାଠ

## କେଉଁଠି କ'ଣ ହୁଏ

ତଳ ଚିତ୍ରଗୁଡ଼ିକୁ ଦେଖ ଓ ପ୍ରତ୍ୟେକଟି କାହାର ଚିତ୍ର ଲେଖ ।













ନିତିଦିନିଆ ଜୀବନରେ ଆମେ ବିଭିନ୍ନ ସୁବିଧା ସୁଯୋଗ ଦରକାର କରୁ । ବିଭିନ୍ନ ଅନୁଷ୍ଠାନ ଏହିଭଳି ଅନେକ ସୁବିଧା ସୁଯୋଗ ଆମକୁ ଯୋଗାଇ ଦେଇଥାଆନ୍ତି । ଏହି ଅନୁଷ୍ଠାନଗୁଡ଼ିକ ଆମକୁ କିପରି ସାହାଯ୍ୟ କରନ୍ତି ଆସ ଜାଣିବା ।


# ଡାକ୍ତରଖାନା













- ପ୍ରତ୍ୟେକ ଚିତ୍ରରେ କ'ଣ ହେଉଛି ଲେଖ। କାହାପରେ କେଉଁ ଚିତ୍ର ରହିବ ସଜାଡ଼ି ୧, ୨, ୩, ୪, ୫, ୬ ନମ୍ବର ଦିଅ।

- କେଉଁ  କାରଣରୁ  ତୁମେ ଓ ତୁମ ଘରର ସଦସ୍ୟମାନେ ଡାକ୍ତରଙ୍କ ପାଖକୁ ଯାଅ ଲେଖ –

___________________________________________

___________________________________________

___________________________________________

- ତୁମେ ତୁମ ସାଙ୍ଗ ଓ ଶିକ୍ଷକ ବା ପିତାମାତାଙ୍କ ସାଙ୍ଗରେ ଡାକ୍ତରଖାନାକୁ ବୁଲିଯାଅ । ଡାକ୍ତରଖାନାରେ ହେଉଥିବା କାର୍ଯ୍ୟକୁ ଲକ୍ଷ୍ୟ କର । ସେଠାରେ କ'ଣ ସବୁ ଦେଖିଲ ଲେଖ –

___________________________________________

___________________________________________

___________________________________________

ଡାକ୍ତରଖାନା ଅତି ଦରକାରୀ ଅନୁଷ୍ଠାନ ଅଟେ । ଲୋକମାନଙ୍କର ରୋଗ ଭଲ କରିବାରେ ଏହା ସାହାଯ୍ୟ କରିଥାଏ ।

ଚିତ୍ରରେ ଥିବା ପ୍ରତ୍ୟେକ ଜିନିଷର ନାମ ଓ ତାହାର କାମ ବିଷୟରେ ଲେଖ ।

| | | | |
|---|---|---|---|
|  |  |  |  |
| | | | |

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥାଏ । ସେଠାରେ ଡାକ୍ତରଙ୍କ ସହିତ ନର୍ସ, କମ୍ପାଉଣ୍ଡର, ସ୍ୱାସ୍ଥ୍ୟ ପରିଦର୍ଶିକା ଓ ଅନ୍ୟାନ୍ୟ କର୍ମଚାରୀ ଥାଆନ୍ତି । ଏଠାରେ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା କରାଯାଇଥାଏ । ଔଷଧପତ୍ର ମଧ୍ୟ ମାଗଣାରେ ଦିଆଯାଏ । ରୋଗୀମାନେ ଏଠାରେ ରହି ଚିକିତ୍ସିତ ହେବାର ସୁବିଧା ମଧ୍ୟ ଥାଏ ।

ଏହାଛଡ଼ା ସ୍ୱାସ୍ଥ୍ୟରକ୍ଷା ବିଷୟରେ ଗାଆଁଲୋକଙ୍କୁ ବୁଝାଇବା ପାଇଁ ଜଣେ ସ୍ୱାସ୍ଥ୍ୟକର୍ମୀ ପ୍ରତି ପଞ୍ଚାୟତରେ ଥାଆନ୍ତି । ସହରମାନଙ୍କରେ ଲୋକମାନଙ୍କ ଚିକିତ୍ସା ପାଇଁ ଛୋଟ ବଡ଼ ଅନେକ ଡାକ୍ତରଖାନା ଥାଏ । ସରକାରୀ ଡାକ୍ତରଖାନା ବ୍ୟତୀତ ପୌର ପରିଷଦ ତରଫରୁ ଡାକ୍ତରଖାନା ଖୋଲାଯାଇଥାଏ । ଏଠାରେ ମାଗଣାରେ ଚିକିତ୍ସା କରାଯାଏ । ବଡ଼ ବଡ଼ ଡାକ୍ତରଖାନାରେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଅଲଗା ଅଲଗା ବିଶେଷଜ୍ଞ ଡାକ୍ତର ଓ ମୂଲ୍ୟବାନ ଯନ୍ତ୍ରପାତି ଥାଏ । ଆଜିକାଲି ଅନେକ ବେସରକାରୀ ଡାକ୍ତରଖାନା ବା ସେବା ସଦନ ମଧ୍ୟ ଖୋଲାଯାଇଛି । ସେଠାରେ ଲୋକମାନେ ଟଙ୍କା ଦେଇ ଚିକିତ୍ସିତ ହେଉଛନ୍ତି ।

## ଅଭ୍ୟାସ

୧. ଡାକ୍ତରଖାନାରେ କିଏ କିଏ କାମ କରନ୍ତି ?

______________, ______________, ______________, ______________

୨. କାହାର କାମ କ'ଣ ?

ଡାକ୍ତର –

ନର୍ସ –

ସ୍ୱାସ୍ଥ୍ୟକର୍ମୀ –

କମ୍ପାଉଣ୍ଡର –

୩. ଡାକ୍ତରଖାନା ନ ଥିଲେ ଆମର କି ଅସୁବିଧା ହେଉଥାଆନ୍ତା ?

________________________________________________

________________________________________________

୪. ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲୋକଙ୍କର କି ପ୍ରକାର ସୁବିଧା କରେ ?

________________________________________________

୫. ତୁମେ କ'ଣ କରିବ ଲେଖ।

(କ) ତୁମର ଜଣେ ବନ୍ଧୁ ବେମାର ପଡ଼ିଲେ -

(ଖ) ପାଖ ପଡ଼ିଶାରେ ହଇଜା ରୋଗ ହେଲେ -

(ଗ) ତୁମକୁ ସର୍ଦ୍ଦିକାଶ ହେଲେ -

୬. ଷ୍ଟେଥୋସ୍କୋପର ଚିତ୍ର ଅଙ୍କନ କର ।



**ତୁମ ପାଇଁ କାମ -** ଗୋଟିଏ କାହାଳୀ, ରବର ନଳୀଖଣ୍ଡ, ଖଣ୍ଡେ ପତଳା କପଡ଼ା / ବେଲୁନ ନିଅ। ରବରନଳୀର ଗୋଟିଏ ମୁଣ୍ଡରେ କାହାଳୀର ନଳକୁ ଯୋଡ଼ ଓ କାହାଳୀ ମୁହଁରେ ବେଲୁନ୍ / ପତଳା କନା ବାନ୍ଧ। କାହାଳୀ ମୁହଁକୁ ଛାତି ଉପରେ ରଖ ଓ ରବରନଳୀର ଅନ୍ୟ ମୁହଁକୁ କାନରେ ଦେଲେ ଦୁକ୍‌ଦୁକ୍ ଶବ୍ଦ ଶୁଣିପାରିବ। ଏହାକୁ ତିଆରି କରିବା ପାଇଁ ଶିକ୍ଷକଙ୍କ ସାହାଯ୍ୟ ନିଅ।



# ଡାକଘର

ଦିନ ଦି'ପହର ବେଳ । ବୁଢ଼ୀଟି ଗାଁ ଦାଣ୍ଡରେ ଚାଲିଥାଏ । ପଛରୁ ଡାକ ଶୁଭିଲା 'ଚିଠି' ନିଅ । ଗାଆଁ ଡାକ ପିଅନ ବୁଢ଼ୀ ହାତକୁ ତା'ପୁଅ ଚେମା ପାଖରୁ ଆସିଥିବା ଲଫାପା ଖଣ୍ଡକ ଦେଲା । ତା'ପରେ ତା ବ୍ୟାଗରୁ କଳା ଡବାଟି ବାହାର କଲା । ବୁଢ଼ୀର ବାଁ ହାତ ବୁଢ଼ା ଆଙ୍ଗୁଠିରୁ ଟିପ ଚିହ୍ନ ନେଇ କାଗଜ ଚିରୁକୁଟି ସହିତ ପାଞ୍ଚୋଟି ଶହେଟଙ୍କିଆ ନୋଟ୍ ବୁଢ଼ୀକୁ ଦେଲା । ଟଙ୍କାକୁ କାନିରେ ବାନ୍ଧି ବୁଢ଼ୀ ଚିଠିକୁ ବହେ ଗେଲ କଲା । ନାକ ସିଧା ଚାଲିଲା ନାରଣ ପାଖକୁ । ନାରଣଟି ପାଠୁଆ ପିଲା । ଭାରି ଭରସା ତା'ଉପରେ । ଚିଠି ପଢ଼ି ଚେମାର ଭଲ ଖବର ଶୁଣାଇଲା । କାନିରୁ ଟଙ୍କା ଫିଟେଇ ଚେମାବୋଉ ନାରଣକୁ ଚୁପ୍‌ଚୁପ୍ କହିଲା, ''ନାରଣ, ଟଙ୍କାତକ ତୋ ପାଖରେ ଥାଉ । ମୋର ତ ଏକୁଟିଆ ଘର । କେତେବେଳେ କ'ଣ ହେବ ।'' ନାରଣ କହିଲା, ''ଖୁଡ଼ି, ଟଙ୍କା ମୋ ପାଖରେ ରହିବା ଅପେକ୍ଷା ଡାକଘରେ ରଖିବା ନିରାପଦ । ତା' ଛଡ଼ା ଏଥିପାଇଁ ତମକୁ ସୁଧ ବି ମିଳିବ । ଚାଲ ମୁଁ ତମ ନାଁରେ ସଞ୍ଚୟ ବହିଟିଏ ଖୋଲିଦେବି ।''

ଡାକଘରେ ପହଞ୍ଚି ବୁଢ଼ୀ କେତେ କ'ଣ ଦେଖିଲା । ତା'ପରେ ସଞ୍ଚୟ ବହି ଧରି ନାରଣ ସହ ଘରକୁ ଫେରିଲା ।




**ଉତ୍ତର ଲେଖ ।**

- ବୁଢ଼ୀ ପାଖରେ ତା ପୁଅ ଚେମାର ଚିଠି କିପରି ପହଞ୍ଚିଲା ?
- ବୁଢ଼ୀ ଡାକଘରେ କ'ଣ କ'ଣ ଦେଖିଥିବ ?
- ଡାକଘରେ ଟଙ୍କା ସଞ୍ଚୟ କରି ରଖିଲେ କ'ଣ ସୁବିଧା ହୁଏ ?

ଶିକ୍ଷକଙ୍କ ସହ ତୁମେ ଖାତା କଲମ ଧରି ନିକଟରେ ଥିବା ଡାକଘର ବୁଲିଯାଅ । ସେଠାରେ କିଏ କାମ କରୁଛନ୍ତି, କି କି କାମ ହେଉଛି ,କ'ଣ କ'ଣ ବିକ୍ରି ହେଉଛି,କାହାର ଦାମ କେତେ ଦେଖ। ଶିକ୍ଷକଙ୍କୁ ସେଠାରେ କାମ କରୁଥିବା ଲୋକମାନଙ୍କ ବିଷୟରେ ପଚାରି ଖାତାରେ ଲେଖିକରି ଆଣ । ସେଠାରୁ ପୋଷ୍ଟକାର୍ଡ଼, ଲଫାପା ଓ ଅନ୍ତର୍ଦ୍ଦେଶୀୟ ପତ୍ର ସଂଗ୍ରହ କରି ଆଣ । ସେଗୁଡ଼ିକର ଚିତ୍ର ନିଜ ଖାତାରେ ଅଙ୍କନ କର ଓ ପ୍ରତ୍ୟେକଟିରେ ରଙ୍ଗ ଦିଅ । ତଳ ସାରଣୀରେ ଥିବା ଖାଲି ଘର ପୂରଣ କର ।

| | ଲଫାପା | ପୋଷ୍ଟକାର୍ଡ଼ | ଅନ୍ତର୍ଦ୍ଦେଶୀୟ ପତ୍ର |
|---|---|---|---|
| ମୂଲ୍ୟ | | | |
| ରଙ୍ଗ | | | |
| ବ୍ୟବହାର | | | |

- ଡାକଘରେ କି କି କାମ ହୁଏ ଲେଖ ।

________________________________________

________________________________________

________________________________________

- ଡାକଘରେ କ'ଣ କ'ଣ ମିଳେ, ତାଲିକା କର ।

__________________ __________________

__________________ __________________

__________________ __________________

ଶିକ୍ଷକଙ୍କ ପାଇଁ ସୂଚନା :- ଶିକ୍ଷାର୍ଥୀମାନଙ୍କୁ ନେଇ ନିକଟରେ ଥିବା ଡାକଘରକୁ ଯିବେ ଏବଂ କି କି ଜିନିଷ ବିକ୍ରି ହୁଏ ସେ ବିଷୟରେ କହିବେ । ପୋଷ୍ଟକାର୍ଡ଼, ଲଫାପା ଓ ଅନ୍ତର୍ଦ୍ଦେଶୀୟ ପତ୍ର, ଡାକଟିକଟ ଗୋଟିଏ ଲେଖାଏଁ ଆଣି ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇ ପାର୍ଥକ୍ୟ ଲେଖିବାକୁ କହିବେ । ପ୍ରତିଦଳ ଗୋଟିଏ ଲେଖାଏଁ ପାର୍ଥକ୍ୟ କହିବେ । ଶିକ୍ଷକ କଳାପଟାରେ ଲେଖିବେ । ଡାକଘରର କାମ ବିଷୟରେ ମଧ୍ୟ ଆଲୋଚନା କରିବେ ।

## ଗୀତଟି ବୋଲ ଓ ଅଭିନୟ କର -




ନାଆଁ ମୋର ଡାକବାଲାଟି
ଘର ଘର ବୁଲି ବାଣ୍ଟଇ ଚିଠି
ନାଆଁ ମୋର ଡାକବାଲାଟି ।

ଦେହରେ ମୋର ଖାକି ପୋଷାକ,
କାନ୍ଧେ ଥଳି ମୋ ରୂପ ଭେକ ।
ସକାଳ ପହରୁ ବୁଲେ ଗାଁ ଗଳି
ବେଳ ବୁଡ଼େ ମୁଁ ଘର ଫେରେଟି
ନାଆଁ ମୋର ଡାକବାଲାଟି ।

ସରକାରୀ କରମଚାରୀ,
ବଡ଼ ବିଶ୍ୱାସୀ ମୁଁ ସବୁରି,
ଚିଠି ଟଙ୍କା ବା ପାରସଲ,
ଠିକ କରି ବାଣ୍ଟି ଦିଏଟି,
ନାଆଁ ମୋର ଡାକବାଲାଟି ।

- ତଳେ ଥିବା ଚିତ୍ରଗୁଡ଼ିକ ଦେଖ ଓ ପ୍ରତ୍ୟେକ ଚିତ୍ର ପାଖରେ ତାହାର ନାମ ଲେଖି ତା' ବିଷୟରେ ଗୋଟିଏ ଧାଡ଼ି ଲେଖ ।

ନାମ



_______________________________


_______________________________




_______________________________

_______________________________














ଡାକଯୋଗେ ଚିଠିପତ୍ର ଦେବାନେବା ବ୍ୟତୀତ କେତେକ ଜିନିଷ ପାର୍ସଲ କରି ପଠାଯାଏ। ମନିଅର୍ଡର ଦ୍ୱାରା ଟଙ୍କା ମଧ୍ୟ ପଠାଯାଏ। ବଡ଼ ବଡ଼ ଡାକଘରେ ଟେଲିଫୋନ୍, ଟେଲିଗ୍ରାମ୍ ଓ ତୁରନ୍ତ ଡାକଯୋଗେ ଚିଠିପତ୍ର ପଠାଇବାର ସୁବିଧା ଥାଏ। ଏଗୁଡ଼ିକ ଦ୍ୱାରା ଦୂର ଜାଗାକୁ ଶୀଘ୍ର ଖବର ପଠାଯାଇଥାଏ। ଡାକଘରେ ବିଭିନ୍ନ ମୂଲ୍ୟର ଡାକଟିକଟ କିଣିବାକୁ ମିଳେ। ସେଗୁଡ଼ିକୁ ଲଗାଇ ଚିଠିପତ୍ର ମଧ୍ୟ ପଠାଯାଏ। ଚିଠି ଉପରେ ଚିଠି ପାଇବା ଓ ଚିଠି ପଠାଇବା ଲୋକର ନାମ ଏବଂ ଠିକଣା ଲେଖାଯାଏ। ପାଖ ପୋଷ୍ଟକାର୍ଡ଼ରେ ଜେଜେଙ୍କ ଠିକଣା ଏବଂ ଲଫାପାରେ ଅଜାଙ୍କ ଠିକଣା ଲେଖ।



## ଅଭ୍ୟାସ

୧. ମୂଲ୍ୟ ଅନୁସାରେ ସଜାଅ (କମ୍‌ରୁ ବେଶି କ୍ରମରେ)

ଲଫାପା, ପୋଷ୍ଟକାର୍ଡ୍, ଅନ୍ତର୍ଦ୍ଦେଶୀୟ ପତ୍ର

____________ _______________ ____________

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ............. ଡାକଘରର ମୁଖ୍ୟ ଅଟନ୍ତି ।

(ଖ) ଚିଠି ବାକ୍‌ସଗୁଡ଼ିକ............... ଜାଗାମାନଙ୍କରେ ଥାଏ ।

(ଗ) ଡାକଘରେ............... ଦ୍ୱାରା ଟଙ୍କା ପଠାଯାଏ ।

୩. କାହା ପରେ କିଏ ? ଚିତ୍ରଗୁଡ଼ିକ ଦେଖି ଚିତ୍ରରେ କ୍ରମିକ ନମ୍ବର ଦିଅ ।









ତୁମ ପାଇଁ କାମ -

- ତୁମ ଖାତାରେ ଦେଶ ବିଦେଶର ଡାକଟିକଟ ସଂଗ୍ରହ କରି ଅଠାରେ ଲଗାଅ ।
- ଟିକଟ କେଉଁଠି କେଉଁଠି ବ୍ୟବହାର କରାଯାଏ ତାହାର ତାଲିକା କର ।
- ଲଫାପାଟିଏ ତିଆରି କର ।



# ଶୃଙ୍ଖଳା ପ୍ରହରୀ



ଚିତ୍ର - ୧




ଚିତ୍ର- ୨

ଚିତ୍ର - ୧ରେ କ'ଣ ସବୁ ଦେଖୁଛ ଲେଖ -

______________________________

______________________________

______________________________

______________________________

ଚିତ୍ର- ୨ରେ ଥିବା ଜିନିଷଗୁଡ଼ିକର ନାମ ଲେଖ -

(୧)__________ (୨)__________

(୩)__________ (୪)__________

(୫)__________ (୬)__________

(୭)__________

- ଉପର ଚିତ୍ର ଦୁଇଟି କେଉଁଠାରେ ଦେଖିବାକୁ ମିଳେ ? [ ]
- ଚିତ୍ର ଦେଖି ପୋଲିସ କେଉଁ କେଉଁ କାମ କରନ୍ତି ପ୍ରତ୍ୟେକ ଚିତ୍ର ତଳେ ଲେଖ।














ଗାଆଁ ଓ ସହର ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଥାନା ଥାଏ। ପ୍ରତି ଥାନାରେ ଜଣେ ପୋଲିସ ସବ୍-ଇନ୍‌ସପେକ୍ଟର ମୁଖ୍ୟଭାବେ ଥାଆନ୍ତି । ବଡ଼ ବଡ଼ ଥାନାରେ ସବ୍-ଇନ୍‌ସପେକ୍ଟର ବଦଳରେ ଜଣେ ଜଣେ ଇନ୍‌ସପେକ୍ଟର ଥାନାର ମୁଖ୍ୟଭାବେ ଥାଆନ୍ତି।

ଥାନାରେ ଥିବା ଅନ୍ୟ କର୍ମଚାରୀମାନେ ହେଲେ : ସହକାରୀ ସବ୍-ଇନ୍‌ସପେକ୍ଟର, ହାବିଲ୍‌ଦାର, କନେଷ୍ଟବଳ ଓ ଗ୍ରାମରକ୍ଷୀ ଇତ୍ୟାଦି।

**ପୋଲିସ ଥାନାର ଟେଲିଫୋନ୍ ନମ୍ବର ହେଲା - ୧୦୦**




- ପୋଲିସକୁ ଆମେ ବନ୍ଧୁ ବୋଲି କାହିଁକି କହିବା ?
- ଚୋରି ଜିନିଷ ଠାବ କରିବା ପାଇଁ ପୋଲିସ କେଉଁ ଗୃହପାଳିତ ପଶୁର ସାହାଯ୍ୟ ନିଏ ?

**ପୋଲିସକୁ ଆମ୍ଭେମାନେ ମଧ୍ୟ ଦରକାର ବେଳେ ସାହାଯ୍ୟ ସହଯୋଗ କରିବା ଉଚିତ।**

# ଅଭ୍ୟାସ

୧. ପୋଲିସ କେଉଁ କେଉଁ ସ୍ଥାନରେ ଶୃଙ୍ଖଳା ରକ୍ଷା କରେ ?

________ ________ ________

________ ________ ________

୨. ପୋଲିସର କାର୍ଯ୍ୟଗୁଡ଼ିକ ମଧ୍ୟରୁ ଯେକୌଣସି ଚାରୋଟି କାର୍ଯ୍ୟ ଲେଖ।

________________________________________

________________________________________

୩. କେଉଁ କେଉଁ କର୍ମଚାରୀ ଥାନାରେ କାମ କରନ୍ତି ?

________, ________, ________, ________

୪. ତୁମ ଅଞ୍ଚଳରେ ଚୋରି ହେଲେ ତୁମେ କ'ଣ କରିବ ଲେଖ।




**ତୁମ ପାଇଁ କାମ -**

- କୌଣସି ମେଳା ମହୋତ୍ସବରେ ଥିବା ପୋଲିସ୍‌ମାନଙ୍କୁ ଭେଟି ସେମାନଙ୍କର ସେଦିନର ଅଭିଜ୍ଞତା ସଂଗ୍ରହ କରି ଲେଖ।
- ତୁମେ ପୋଲିସକୁ କି କି ସାହାଯ୍ୟ କରିପାରିବ, ତା'ର ତାଲିକା କର।



# ଦମକଳ କେନ୍ଦ୍ର



ଗାଁ ଖେଳପଡ଼ିଆରେ ପିଲାମାନେ କବାଡ଼ି ଖେଳୁଥିଲେ। ସନ୍ଧ୍ୟା ହେଲାରୁ ପିଲାମାନେ ଖେଳସାରି ଘରକୁ ଯିବାକୁ ବାହାରୁଥାନ୍ତି। ସେତିକିବେଳେ ଜଣେ କେହି ଚିତ୍କାର କରୁଥିବାର ପିଲାମାନେ ଶୁଣିଲେ। ପିଲାଙ୍କ ଭିତରୁ ଜଣେ କହିଲା, ‘‘ଆରେ ଆମେ ଖେଳୁଥିବାବେଳେ ନଟ ମଉସା ଘାସ କାଟୁଥିଲେ, ସେ ବୋଧହୁଏ କିଛି ଅସୁବିଧାରେ ପଡ଼ିଯାଇଛନ୍ତି।’’ ସମସ୍ତେ ଏକ ସ୍ୱରରେ – ‘ଚାଲ ଦେଖିବା’ କହି ଶବ୍ଦ ଆସୁଥିବା ଦିଗକୁ ଗଲେ। ପିଲାମାନେ ଦେଖିଲେ ଯେ ପାଖରେ ଥିବା ଏକ ଚାନ୍ଦିନି ନ ଥିବା କୂଅରେ ନଟ ମଉସା ଗଳି ପଡ଼ି ଚିତ୍କାର କରୁଛନ୍ତି। ପିଲାମାନେ କ’ଣ କରିବେ ବୋଲି ବ୍ୟସ୍ତ ହୋଇପଡ଼ିଲେ। ଏତିକିବେଳେ ଦୁଇ ଜଣ ଧାଇଁଯାଇ ଦଉଡ଼ି ଆଣି କୂଅ ଭିତରକୁ ପକାଇଲା ବେଳେ ଆଉ ଜଣେ ଦୌଡ଼ିଯାଇ ତା’ କାକାଙ୍କୁ କହିଲା ଯେ, ‘‘ନଟ ମଉସା କୂଅରେ ଗଳି ପଡ଼ିଛନ୍ତି।’’ କାକା ସଂଗେ ସଂଗେ ଦମକଳ କେନ୍ଦ୍ରକୁ **୧୦୧** ନମ୍ବରରେ ଫୋନ୍ କଲେ। କିଛି ସମୟ ପରେ ନାଲି ଦମକଳ ଗାଡି ଘଣ୍ଟି ବଜାଇ ବଜାଇ ଆସି ପହଂଚି ନଟ ମଉସାଙ୍କୁ ଉଦ୍ଧାର କଲା। ନଟ ମଉସା ପିଲାମାନଙ୍କ ଉପରେ ବହୁତ ଖୁସି ହେଲେ।

ତଳ ଚିତ୍ରରେ ଦିଆଯାଇଥିବା କାମଗୁଡ଼ିକ ମଧ୍ୟ ଦମକଳ କରେ।

ଚିତ୍ର ଦେଖି ଦମକଳ କେଉଁ କେଉଁ କାମ କରେ ଲେଖ –







____________ ____________ ____________




ତୁମ ଗାଁ ପାଖରେ କେଉଁଠି ଦମକଳ କେନ୍ଦ୍ର ଅଛି ପଚାରି ବୁଝ। ଆଜିକାଲି ଚାରିଆଡ଼େ ଟେଲିଫୋନ୍ ସୁବିଧା ଯୋଗୁ ସହଜରେ ଦମକଳ ଅଫିସକୁ ଖବର ପହଞ୍ଚି ପାରୁଛି। ଦମକଳ କେନ୍ଦ୍ରର ଫୋନ୍ ନମ୍ବର ହେଲା - **୧୦୧** । ଆବଶ୍ୟକ ସମୟରେ ତୁମେ ମଧ୍ୟ ଏହି ନମ୍ବରରେ ଫୋନ୍ କରିପାରିବ। ଏହି କେନ୍ଦ୍ରରେ କେତୋଟି ପାଣି ପମ୍ପ ଲାଗିଥିବା ମଟରଗାଡ଼ି, ଶିଡ଼ି ଓ ନିଆଁଲିଭାଳି ଥାଆନ୍ତି।

## ଅଭ୍ୟାସ

୧. ଦମକଳ କେଉଁ କେଉଁ କାର୍ଯ୍ୟ କରେ ?

________________________________________

________________________________________

୨. ତୁମ ଅଞ୍ଚଳରେ ଘର ପୋଡ଼ିଗଲେ କ'ଣ କରିବ ?

________________________________________

________________________________________

୩. ଦମକଳ ଗାଡ଼ିର ରଙ୍ଗ କ'ଣ ? ସେଥିରେ କ'ଣ କ'ଣ ଥାଏ ?

________________________________________

________________________________________

୪. ଦମକଳ ଗାଡ଼ି ଆସୁଛି ବୋଲି କିପରି ଜାଣିବ ?

________________________________________

________________________________________



**ତୁମ ପାଇଁ କାମ -**

ପାଖରେ ଦମକଳ କେନ୍ଦ୍ର ଥିଲେ ଶିକ୍ଷକଙ୍କ ସହିତ ସେଠାକୁ ଯାଇ ସେହି ବିଷୟରେ ଅଧିକ କଥା ବୁଝି ଲେଖ। ଯେଉଁ ପିଲାମାନଙ୍କ ଗାଁର ଆଖ ପାଖରେ ଦମକଳ କେନ୍ଦ୍ର ନାହିଁ, ଶିକ୍ଷକଙ୍କୁ / ବାପାମା'ଙ୍କୁ ସେହି ବିଷୟରେ ପଚାରି ବୁଝି ଲେଖ।



# ଅଜାଙ୍କ ବିଚାର ବଦଳିଲା

ଶ୍ୟାମ ପ୍ରଧାନଙ୍କ ନାତି ବି.ଏ. ପାଶ୍ କରିଛି, ମାତ୍ର ଚାକିରି ନାହିଁ । କଟକ ଯାଇ ବ୍ୟବସାୟ କରିବ । ଅଜାଙ୍କୁ ମାଗୁଛି କୋଡ଼ିଏ ହଜାର ଟଙ୍କା । ଅଜାଙ୍କ ଭରସା ମହାଜନ ଅଭି ସାହୁ । ଅଜା ତା' ପାଖକୁ ଗଲେ ନିଜର ଜମି ବନ୍ଧା ପକାଇ ତାଙ୍କଠାରୁ ଟଙ୍କା ଆଣିବେ । କିନ୍ତୁ ମହାଜନଙ୍କ ପାଖରେ ଟଙ୍କା ନ ଥିଲା । ସେ ଅଜାଙ୍କୁ କଥା ଦେଲେ, ସେ ନିଜେ ବ୍ୟାଙ୍କରୁ ଟଙ୍କା ଋଣ କରି ଆଣିବେ । ଅଜାଙ୍କ ଜମି ବନ୍ଧକ ରଖି ତାଙ୍କୁ ସେହି ଟଙ୍କା ଦେବେ । **ବ୍ୟାଙ୍କ ଋଣ କ'ଣ ? ଅଜାଙ୍କ ମନରେ ସନ୍ଦେହ !**





ଅଜା ଯାଇ ମଙ୍ଗୁଲୁକୁ ପଚାରିଲେ, **''ବ୍ୟାଙ୍କର କାମ କ'ଣ ?''** ମଙ୍ଗୁଲୁ ବ୍ୟାଙ୍କରେ କାମ କରେ । ସେ କହିଲା, ''ବ୍ୟାଙ୍କରେ ଟଙ୍କା, ସୁନାଗହଣା ରଖିବା ନିରାପଦ । ଲୋକେ ଦରକାରବେଳେ କମ୍ ସୁଧରେ ବ୍ୟାଙ୍କରୁ ଋଣ ପାଆନ୍ତି । ଘର ତିଆରି, କୃଷି, ପଶୁପାଳନ, ବିଭିନ୍ନ କାମଧନ୍ଦା, ପାଠପଢ଼ା ଓ ବ୍ୟବସାୟ ପ୍ରଭୃତି ପାଇଁ କମ୍ ସୁଧରେ ବ୍ୟାଙ୍କରୁ ଋଣ ମିଳେ । ବ୍ୟାଙ୍କରେ ବିଭିନ୍ନ ପ୍ରକାର ସଞ୍ଚୟ ଯୋଜନା କାର୍ଯ୍ୟକାରୀ ହୁଏ । ବ୍ୟାଙ୍କରେ ଜମା ରଖିଥିବା ଟଙ୍କାରୁ ଆବଶ୍ୟକ ହେଲେ ଆମେ ଟଙ୍କା ଉଠାଇପାରିବା ।''

ଅଜା ମଙ୍ଗୁଲୁର କଥା ଶୁଣି ମନେମନେ ମହାଜନର ଚତୁରତା ବିଷୟ ଚିନ୍ତା କରୁଥାନ୍ତି । ଅଭି ସାହୁ ବ୍ୟାଙ୍କରୁ କମ ସୁଧରେ ଋଣ ନିଏ ଓ ଗାଁ ଲୋକଙ୍କୁ କରଜ ଦେଇ ଅଧିକ ସୁଧ ପାଏ । ଅଜା ମଙ୍ଗୁଲୁକୁ ପଚାରିଲେ, ''ଆଚ୍ଛା ! ମୋତେ ବ୍ୟାଙ୍କରୁ ଋଣ ମିଳିପାରିବ କି ?'' ମଙ୍ଗୁଲୁ କହିଲା ''ନିଶ୍ଚୟ ମିଳିବ । ଆପଣ ମ୍ୟାନେଜରଙ୍କୁ ସାକ୍ଷାତ କରନ୍ତୁ ।'' ପରଦିନ ନାତିକୁ ସାଙ୍ଗରେ ନେଇ ଅଜା ବ୍ୟାଙ୍କରେ ହାଜର ।



ଅଜା ମ୍ୟାନେଜରଙ୍କୁ ପଚାରି ବୁଝିଲେ ତାଙ୍କ ନାତିକୁ ବ୍ୟାଙ୍କ କି ପ୍ରକାର ସାହାଯ୍ୟ କରିପାରିବ। ବ୍ୟାଙ୍କରୁ ଋଣ ନେଇ ଗୋପାଳନ କେନ୍ଦ୍ର ବା ପଶୁପାଳନ କେନ୍ଦ୍ର ଖୋଲିବା ପାଇଁ ମ୍ୟାନେଜର ପରାମର୍ଶ ଦେଲେ। ମ୍ୟାନେଜରଙ୍କ କଥା ଅନୁସାରେ ନାତି ଋଣ ପାଇଁ ବ୍ୟାଙ୍କରେ ଦରଖାସ୍ତ କଲା। ତା'ପରେ ମ୍ୟାନେଜର ଋଣ ମଞ୍ଜୁର କରିଦେଲେ। ନାତି ନିଜ ଗାଁ'ରେ ଆରମ୍ଭ କଲା ଗୋପାଳନ ଓ କୁକୁଡ଼ା ପାଳନ କେନ୍ଦ୍ର। ଧୀରେ ଧୀରେ ବ୍ୟାଙ୍କ ଋଣ ଶୁଝିଦେଲା।





ପ୍ରତି ବ୍ୟାଙ୍କରେ ଜଣେ ମ୍ୟାନେଜର, ଜଣେ ହିସାବ ରକ୍ଷକ (ଆକାଉଣ୍ଟାଣ୍ଟ), ଜଣେ କୋଷାଧ୍ୟକ୍ଷ (କ୍ୟାସିୟର) ଓ ଅନ୍ୟାନ୍ୟ କର୍ମଚାରୀ ଥାଆନ୍ତି। ମ୍ୟାନେଜର ହେଉଛନ୍ତି ବ୍ୟାଙ୍କର ମୁଖ୍ୟ। ସେ ଗ୍ରାହକମାନଙ୍କର ସୁବିଧା ଅସୁବିଧା ବୁଝନ୍ତି। ଆଜିକାଲି ଟଙ୍କା ଜମାରଖିବା ଓ ଉଠାଣ ପାଇଁ **ATM** ର ବ୍ୟବସ୍ଥା ହେଲାଣି।

## ଅଭ୍ୟାସ

୧. ଖାଲି ଘରେ ଲେଖ ।




୨. ବ୍ୟାଙ୍କରେ କେଉଁ କେଉଁ କର୍ମଚାରୀ ଥାଆନ୍ତି ?

________________________________________

________________________________________

୩. ଅନେକ ବ୍ୟାଙ୍କରେ ATM ଥାଏ । ଏହା କ'ଣ ଶିକ୍ଷକଙ୍କ ଠାରୁ ବୁଝି ଲେଖ ।

________________________________________

୪. ତୁମ ଗାଁ ପାଖରେ ବା ସହରରେ ଯେଉଁସବୁ ବ୍ୟାଙ୍କ ଥିବା ତୁମେ ଦେଖିଛ ବା ଶୁଣିଛ, ସେଗୁଡ଼ିକର ନାମ ଲେଖ । ______________________________



ତୁମ ପାଇଁ କାମ – ନିକଟରେ ଥିବା ବ୍ୟାଙ୍କକୁ, ବାପା ମା' କିମ୍ବା ଶିକ୍ଷକଙ୍କ ସହିତ ବୁଲିଯାଇ ସେଠାରେ ହେଉଥିବା କାମକୁ ଦେଖ ଓ ଖାତାରେ ଟିପିଆଣି ନିଜ ସାଙ୍ଗ ସହିତ ଆଲୋଚନା କର ।



# ଆମରି ଶାସନ ଆମରି ହାତେ



ବିଦ୍ୟାଳୟରେ ଖେଳଛୁଟି ହୋଇଛି । ବିଦ୍ୟାଳୟ ଖେଳପଡ଼ିଆ ପାଖକୁ ଲାଗି ଆମ୍ବଗଛ ମୂଳରେ ବସିଛନ୍ତି ଦଶ ବାରଟି ପିଲା । ନିତିଆ ଖାତାଟିଏ ମୋଡ଼ି କାହାଳୀ ପରି କରି ଗ୍ରାମ ପଞ୍ଚାୟତ ବିଷୟରେ ଭାଷଣ ଦେଉଥାଏ...... କହିଲା- ''ତୁମେ ସବୁ ଜାଣ ଯେ କେତେଗୁଡ଼ିଏ ଛୋଟ ଛୋଟ ଗ୍ରାମ କିମ୍ବା ଗୋଟିଏ ବଡ଼ ଗ୍ରାମକୁ ନେଇ ଗ୍ରାମ ପଞ୍ଚାୟତ ଗଠନ କରାହୋଇଥାଏ । ପୁଣି ପ୍ରତି ପଞ୍ଚାୟତକୁ କେତୋଟି ୱାର୍ଡ଼ରେ ଭାଗ କରା ଯାଇଥାଏ ।''

ପୁଣି କହିଲା ନିତିଆ - ''ଭାଇମାନେ, ପଞ୍ଚାୟତ ଭୋଟ ତ ସରିଲା । ପଞ୍ଚାୟତର ସବୁଲୋକ ମତେ ଭୋଟଦେଇ ପାଞ୍ଚ ବର୍ଷ ପାଇଁ ସରପଞ୍ଚ ଭାବେ ବାଛିଲେ । ଆଉ ମଧ୍ୟ ଜଣେ ନାଏବ ସରପଞ୍ଚ ଓ ୱାର୍ଡ଼ ମେମ୍ବରମାନଙ୍କୁ ନେଇ ଆମ ଗ୍ରାମ ପଞ୍ଚାୟତ ସଭା ଗଠିତ ହେଲା । ପଞ୍ଚାୟତ ଆମ ପାଇଁ କି କି କାମ କରିବ ପଞ୍ଚାୟତ ସଭାରେ ଆଜି ଏହା ସ୍ଥିର କରିବା ।''

ପ୍ରଥମ ଛାତ୍ର - ଆମ ଗାଁ ପାଇଁ ପଞ୍ଚାୟତ କ'ଣ କରିପାରିବ ?

ନିତିଆ- ପଞ୍ଚାୟତ ଗାଁ'ର ରାସ୍ତାଘାଟ ତିଆରି କରିବ ବା ମରାମତି କରିବ । ଗାଁ'ର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବ । କୃଷକମାନଙ୍କୁ ସାହାଯ୍ୟ କରିବ । ବିହନ ଓ ସାର ସେମାନଙ୍କୁ ଯୋଗାଇଦେବ । ଗାଁ'ରେ ଥିବା ବିଦ୍ୟାଳୟର ଉନ୍ନତି ପାଇଁ କାମ କରିବ ।

ଗାଁ'ରେ ଗଣ୍ଡଗୋଳ ହେଲେ ତାହାର ସମାଧାନ କରିବ। ଗାଁ'ରେ କୂଅ, ପୋଖରୀ ଖୋଳି ଗାଁ'ର ଜଳାଭାବ ଦୂର କରିବ। ପଶୁ ସମ୍ପଦର ରକ୍ଷଣାବେକ୍ଷଣ ପାଇଁ କାମ କରିବ। ପଞ୍ଚାୟତରେ ଥିବା ଗ୍ରାମସେବକ ଚାଷୀମାନଙ୍କୁ ଚାଷ ବିଷୟରେ ପରାମର୍ଶ ଦେବ।

ଦ୍ୱିତୀୟ ଛାତ୍ର – ନିତିଆ ଭାଇ, ଏତେ ସବୁ କାମ ପାଇଁ ପଞ୍ଚାୟତ ଟଙ୍କା କେଉଁଠାରୁ ପାଇବ ?

ନିତିଆ – ଶୁଣ....... ପଞ୍ଚାୟତରେ ଥିବା ହାଟ, ନଦୀଘାଟ, ପୋଖରୀ ଓ ଫଳତୋଟାକୁ ପ୍ରତିବର୍ଷ ନିଲାମ କରି ସେଥିରୁ ଟଙ୍କା ପାଇବ। ସାଇକେଲ, ରିକ୍ସା ଓ ଶଗଡ଼ ଚଳାଚଳ ପାଇଁ ଟିକସ ଆଦାୟ କରି ସେଥିରୁ ଟଙ୍କା ପାଇବ। ଆଉ ମଧ୍ୟ ସରକାର ପଞ୍ଚାୟତକୁ ପ୍ରତିବର୍ଷ କିଛି କିଛି ଅର୍ଥ ସାହାଯ୍ୟ ଦେଇଥାଆନ୍ତି।

ଶିକ୍ଷକ – (ପ୍ରବେଶ କରିଛନ୍ତି ଶିକ୍ଷକ) କିରେ ନିତିଆ, ଏଠି କ'ଣ ସବୁ ଚାଲିଛି ?

ନିତିଆ – ସାର୍, ଆମେ ଗୋଟିଏ ଦଳ ଗଢ଼ିଛୁ। ଅଭିନୟ ମାଧ୍ୟମରେ କେତୋଟି ସାମାଜିକ ଅନୁଷ୍ଠାନର ଗଠନ ଓ କାର୍ଯ୍ୟ ବିଷୟରେ ଆଲୋଚନା କରୁଛୁ। ଆଜି ଗ୍ରାମ ପଞ୍ଚାୟତ ବିଷୟରେ ଆଲୋଚନା ଚାଲିଛି, ହେଲେ ବ୍ଲକ୍ ସ୍ତରରେ ......

ଶିକ୍ଷକ – ଗ୍ରାମ ପଞ୍ଚାୟତ ପରି ବ୍ଲକସ୍ତରରେ ପଞ୍ଚାୟତ ସମିତି କାର୍ଯ୍ୟ କରିଥାଏ। ବ୍ଲକ୍‌ରେ ଥିବା ସବୁ ଗ୍ରାମ ପଞ୍ଚାୟତକୁ ନେଇ ପଞ୍ଚାୟତ ସମିତି ଗଢ଼ା ହୋଇଥାଏ। ପଞ୍ଚାୟତ ସମିତିର ମୁଖ୍ୟ ହେଉଛନ୍ତି ଚେୟାରମ୍ୟାନ ବା ସଭାପତି। ସମିତିର ସଭ୍ୟ ଓ ସଭ୍ୟା ମିଶି ତାଙ୍କୁ ବାଛିଥାଆନ୍ତି।

ତୃତୀୟ ଛାତ୍ର – ଆଉ କିଏ କିଏ ପଞ୍ଚାୟତ ସମିତିରେ କାର୍ଯ୍ୟ କରନ୍ତି ?


ଶିକ୍ଷକ – ପ୍ରତି ବ୍ଲକରେ ଜଣେ ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ) ନିଯୁକ୍ତ ହୋଇଥାଆନ୍ତି। ଚେୟାରମ୍ୟାନଙ୍କ ପରାମର୍ଶ ଅନୁସାରେ ସେ ବ୍ଲକ ପାଇଁ କାମ କରନ୍ତି। ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟ କର୍ମଚାରୀମାନେ ଥାଆନ୍ତି। ବ୍ଲକ୍ ଅଫିସରେ ପଞ୍ଚାୟତ ସମିତିର କାର୍ଯ୍ୟ ହୋଇଥାଏ।

ଚତୁର୍ଥ ଛାତ୍ର- ତା'ହେଲେ ସହରାଞ୍ଚଳର ଉନ୍ନତି ପାଇଁ କେଉଁ ସଂସ୍ଥା ଅଛି ?

ଶିକ୍ଷକ – ସହରାଞ୍ଚଳର ଉନ୍ନତି ପାଇଁ ପୌର ପରିଷଦ ଗଢ଼ା ହୋଇଥାଏ। ଛୋଟ ଛୋଟ ସହରରେ ପୌର ପରିଷଦକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି) କୁହାଯାଏ। ବଡ଼ ବଡ଼ ସହରରେ ପୌରସଭା (ମ୍ୟୁନିସିପାଲିଟି) ଓ ନଗରମାନଙ୍କରେ ମହାନଗର ନିଗମ ଗଢ଼ା ହୋଇଥାଏ। ଗୋଟିଏ ସହରର ଲୋକସଂଖ୍ୟା ଅନୁସାରେ ଏସବୁ

ଗଠିତ ହୋଇଥାଏ। ମ୍ୟୁନିସିପାଲିଟିର ମୁଖ୍ୟ ହେଉଛନ୍ତି ଚେୟାରମ୍ୟାନ ବା ସଭାପତି ଓ ମହାନଗର ନିଗମର ମୁଖ୍ୟ ହେଉଛନ୍ତି ମେୟର। କାଉନ୍‌ସିଲରମାନେ ସଭାପତିଙ୍କୁ କାମରେ ସାହାଯ୍ୟ କରନ୍ତି। ସହରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପ୍ରଭୃତିର ଉନ୍ନତି ପାଇଁ ଏମାନେ କାର୍ଯ୍ୟ କରିଥାଆନ୍ତି। ଏହାଛଡ଼ା ସହରର ଅଳିଆ ଆବର୍ଜନା ସଫା କରାଇ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଦ୍ୟୁତ୍ ଯୋଗାଣ, ଜଳଯୋଗାଣ ଇତ୍ୟାଦି କାର୍ଯ୍ୟ ଏମାନେ କରିଥାଆନ୍ତି। ଏହିସବୁ କାମ କରିବା ପାଇଁ ସେମାନେ ସରକାରଙ୍କଠାରୁ କିଛି ଅର୍ଥ ସାହାଯ୍ୟ ପାଇଥାଆନ୍ତି। ଏହାଛଡ଼ା ପୌର ପରିଷଦ ସହରବାସୀଙ୍କଠାରୁ ଘରବାଡ଼ି ଓ ଯାନବାହନ ଉପରେ କିଛି କର ଆଦାୟ କରେ। କେତେକ ଜିନିଷର ବିକ୍ରି ଉପରେ ମଧ୍ୟ କର ଆଦାୟ କରେ। ଏସବୁ ଅର୍ଥ ସହରର ଉନ୍ନତି ପାଇଁ ଖର୍ଚ୍ଚ ହୁଏ।

ପୌର ପରିଷଦର ଏକ କାର୍ଯ୍ୟାଳୟ ଥାଏ। ଏହି କାର୍ଯ୍ୟାଳୟର ଜଣେ ମୁଖ୍ୟ ଥାଆନ୍ତି। ତାଙ୍କୁ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁହାଯାଏ। ସେ ଚେୟାରମ୍ୟାନ୍‌ଙ୍କ ପରାମର୍ଶ ନେଇ ପୌର ପରିଷଦର ସବୁ କାର୍ଯ୍ୟ କରନ୍ତି। ତାଙ୍କୁ ସାହାଯ୍ୟ କରିବାକୁ ବିଭିନ୍ନ ବିଭାଗରେ ଅନ୍ୟାନ୍ୟ କର୍ମଚାରୀ ଥାଆନ୍ତି।




ଏବେ ତୁମେ ଜାଣିଲ, **ଗ୍ରାମାଞ୍ଚଳରେ –**


| **ସ୍ତର** | **କାର୍ଯ୍ୟକରେ** | **ମୁଖ୍ୟ** | **ସଭ୍ୟମାନେ** | **ଅଫିସର** |
|---|---|---|---|---|
| ଗ୍ରାମ | ଗ୍ରାମପଞ୍ଚାୟତ | ସରପଞ୍ଚ | ୱାର୍ଡ଼ମେମ୍ବର | ପଞ୍ଚାୟତ ସମ୍ପାଦକ |
| ବ୍ଲକ୍ | ପଞ୍ଚାୟତ ସମିତି | ଚେୟାରମ୍ୟାନ | ସମିତି ସଭ୍ୟ | ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ) |

**ସହରାଞ୍ଚଳରେ –**

| **ସ୍ତର** | **କାର୍ଯ୍ୟକରେ** | **ମୁଖ୍ୟ** | **ସଭ୍ୟ** | **ଅଫିସର** |
|---|---|---|---|---|
| ସହର | ବିଜ୍ଞାପିତ ଅଞ୍ଚଳ ପରିଷଦ | ସଭାପତି | କାଉନ୍‌ସିଲର | କାର୍ଯ୍ୟନିର୍ବାହୀ ଅଧିକାରୀ |
| ବଡ଼ସହର | ମ୍ୟୁନିସପାଲିଟି/ପୌରସଭା | ପୌରପାଳିକା | କାଉନ୍‌ସିଲର | କାର୍ଯ୍ୟନିର୍ବାହୀ ଅଧିକାରୀ |
| ନଗର | ମହାନଗର ନିଗମ | ମେୟର | କରପୋରେଟ୍‌ର | କମିଶନର |

## ଅଭ୍ୟାସ

୧. କେଉଁ କେଉଁ କାମ ଗ୍ରାମ ପଞ୍ଚାୟତ କରିଥାଏ, ଚିତ୍ର ମଧ୍ୟରୁ ବାଛି ଲେଖ ।





______________________

______________________

______________________

୨. ନିମ୍ନଲିଖିତ ଯେଉଁ କାମଟି ଗ୍ରାମ ପଞ୍ଚାୟତର ନୁହେଁ, ତା' ଚାରିପଟେ ମୁଣ୍ଡୁଳି ବୁଲାଅ ।



୩. ନିଜ ଅଞ୍ଚଳ କଥା ଜାଣ ଓ ଲେଖ।

| ତୁମ ଗାଁ / ସହରର ନାମ | ଗ୍ରାମ ପଞ୍ଚାୟତର ନାମ | ପଞ୍ଚାୟତ ସମିତିର ନାମ | ପୌର ପରିଷଦର ନାମ |
|---|---|---|---|
| | | | |

୪. ତୁମେ କେଉଁଠିକୁ ଯିବ, ତୀର ଚିହ୍ନ ଦିଅ।

(କ) ତୁମ ଗାଁ'ର ରାସ୍ତା ଭାଙ୍ଗିଗଲେ — ଥାନା

(ଖ) ସାଇକେଲ ଟିକସ ପଇଠ କରିବାକୁ ହେଲେ — ଗ୍ରାମ ପଞ୍ଚାୟତ

(ଗ) ତୁମ ଫସଲରେ ପୋକ ଲାଗିଲେ — ବ୍ୟାଙ୍କ

ଗ୍ରାମ ସେବକ

ଡାକଘର

ଡାକ୍ତରଖାନା

୫. ଶୂନ୍ୟସ୍ଥାନ ପୂରଣ କର।

(କ) ................ପୌର ପରିଷଦର ମୁଖ୍ୟ ଅଟନ୍ତି।

(ଖ) .............. ମହାନଗର ନିଗମର ମୁଖ୍ୟ ଅଟନ୍ତି।

(ଗ) କେତୋଟି ଗ୍ରାମ ପଞ୍ଚାୟତ ମିଶି .................. ଗଠନ କରାଯାଇଛି।

୬. ପୌରପରିଷଦ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟର ତାଲିକା ପ୍ରସ୍ତୁତ କର।

| ପୌର ପରିଷଦର କାର୍ଯ୍ୟ | ଗ୍ରାମ ପଞ୍ଚାୟତର କାର୍ଯ୍ୟ |
|---|---|
| ____________ | ____________ |
| ____________ | ____________ |
| ____________ | ____________ |
| ____________ | ____________ |
| ____________ | ____________ |

୭. ପଚାରି ବୁଝି ଲେଖ।


(କ) ତୁମ ସରପଞ୍ଚଙ୍କ ନାମ..............................

(ଖ) ତୁମ ୱାର୍ଡ଼ର ନମ୍ବର............................

(ଗ) ତୁମ ୱାର୍ଡ଼ ମେମ୍ବରଙ୍କ ନାମ............................

(ଘ) ତୁମେ ସହରରେ ରହୁଥିଲେ, ତୁମ ୱାର୍ଡ଼ର କାଉନ୍‌ସିଲର / କର୍ପୋରେଟରଙ୍କ ନାମ ..............................।

୮. ଖାଲିଥିବା କୋଠରିକୁ ପୂରଣ କର।







**ତୁମ ପାଇଁ କାମ** – ତୁମ ଗ୍ରାମ ପଞ୍ଚାୟତ / ପୌର ପରିଷଦ ତୁମ ସ୍କୁଲ ପାଇଁ କି କି କାମ କରିଛି, ତାହାର ଏକ ତାଲିକା ପ୍ରସ୍ତୁତ କର। (ଶିକ୍ଷକଙ୍କଠାରୁ ବୁଝି ଲେଖ)



# ଅଦାଲତ

ଗାଁଆ ଓ ସହରରେ ଲୋକମାନଙ୍କ ଭିତରେ ଅନେକ କାରଣରୁ କଳି ଝଗଡ଼ା ହୋଇଥାଏ। ଲୋକେ ଏକାଠି ବସି ଆଲୋଚନା କରି କେତେକ କଳିଗୋଳର ସମାଧାନ କରିଥାଆନ୍ତି। ଯେଉଁ କଳିଗୋଳର ସମାଧାନ ଲୋକମାନଙ୍କ ଦ୍ୱାରା ବା ଗ୍ରାମ ପଞ୍ଚାୟତରେ ହୋଇପାରେ ନାହିଁ ତାହାର ସମାଧାନ କେଉଁଠି ହୁଏ ବଡ଼ମାନଙ୍କଠାରୁ ବୁଝି ଲେଖ - ____________________________________

ତଳ ଚିତ୍ରକୁ ଦେଖି ଅଦାଲତରେ ଥିବା ଲୋକମାନଙ୍କୁ ଚିହ୍ନ, ତାଙ୍କ ନାମ ଏବଂ କାମ ସାରଣୀରେ ଲେଖ।



| ଲୋକ | କିଏ | କାମ |
|---|---|---|
| ୧. କଳାକୋର୍ଟ ପିନ୍ଧି ବସିଥିବା ଲୋକ | | |
| ୨. କଳାକୋର୍ଟ ପିନ୍ଧି ଠିଆ ହୋଇଥିବା ଲୋକ (ଦୁଇଜଣ) | | |
| ୩. କାଠଗଡ଼ାରେ ଏକା ଠିଆ ହୋଇଥିବା ଲୋକ | | |
| ୪. କାଠଗଡ଼ାରେ ପୋଲିସ ପାଖରେ ଠିଆ ହୋଇଥିବା ଲୋକ | | |
| ୫. ଦ୍ୱାର ପାଖରେ ଠିଆ ହୋଇଥିବା ଲୋକ | | |
| ୬. ତଳ ଟେବୁଲ-ଚୌକିରେ ବସିଥିବା ଲୋକ | | |

ମାଲିମୋକଦ୍ଦମାର ବିଚାର ପାଇଁ ସବ୍‌ଡ଼ିଭିଜନ ଓ ଜିଲ୍ଲାସ୍ତରରେ ଅଦାଲତମାନ ଅଛି । ଅଦାଲତ ବା ବିଚାରାଳୟ ଦୁଇ ପ୍ରକାର ଯଥା – ଦେୱାନୀ ଅଦାଲତ ଓ ଫୌଜଦାରୀ ଅଦାଲତ ।

ଅଦାଲତ / ବିଚାରାଳୟ

ଦେୱାନୀ ଅଦାଲତ

ଜମିବାଡ଼ି ଓ ସମ୍ପତ୍ତି ବିଷୟରେ ମୋକଦ୍ଦମାର ବିଚାର କରି ନିଷ୍ପତ୍ତି କରେ ।


ଫୌଜଦାରୀ ଅଦାଲତ

ମାଡ଼ପିଟ, ଗଣ୍ଡଗୋଳ, ଚୋରି ଡକାୟତି ବିଷୟରେ ମୋକଦ୍ଦମାର ବିଚାର କରି ଦୋଷୀକୁ ଦଣ୍ଡ ଦିଏ ।

ମୋକଦ୍ଦମା ବିଚାର କରିବା ପାଇଁ ଅଦାଲତଗୁଡ଼ିକରେ ବିଚାରପତିମାନେ ଥାଆନ୍ତି । ଜିଲ୍ଲା ସ୍ତରରେ ଥିବା ଅଦାଲତର ବିଚାରପତିଙ୍କୁ **ଜିଲ୍ଲା ଜଜ୍** କୁହାଯାଏ । ପ୍ରତି ରାଜ୍ୟ ପାଇଁ ଏକ ଉଚ୍ଚ ନ୍ୟାୟାଳୟ ବା ଉଚ୍ଚ ଅଦାଲତ ଅଛି । ଏହାକୁ **ହାଇକୋର୍ଟ** କୁହାଯାଏ । ଏଥିରେ ଜଣେ ମୁଖ୍ୟ ବିଚାରପତି ଥାଆନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟ ବିଚାରପତି ଓ କର୍ମଚାରୀ ଥାଆନ୍ତି । ଅଦାଲତ କଳିକଜିଆର ନିଷ୍ପତ୍ତି କରେ ଏବଂ ଦୋଷୀକୁ ଦଣ୍ଡବିଧାନ କରେ । ସମସ୍ତଙ୍କୁ **ନ୍ୟାୟ ପ୍ରଦାନ** କରିବା ଅଦାଲତର କାମ ।

## ଜିଲ୍ଲାସ୍ତରୀୟ ଶାସନ


ପ୍ରତି ଜିଲ୍ଲାର ଶାସନ ପାଇଁ ଜଣେ **ଜିଲ୍ଲାପାଳ** ଥାଆନ୍ତି । ସେ ସାରା ଜିଲ୍ଲାର ଭଲମନ୍ଦ ଓ ଶାସନ ବିଷୟ ବୁଝନ୍ତି । ଜିଲ୍ଲାର ପ୍ରତ୍ୟେକ କାମକୁ ସେ ତଦାରଖ ଓ ନିୟନ୍ତ୍ରଣ କରିଥାଆନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟାନ୍ୟ କର୍ମଚାରୀମାନେ ବିଭିନ୍ନ ବିଭାଗ ଦାୟିତ୍ୱରେ ଥାଆନ୍ତି ।




## ସବ୍‌ଡିଭିଜନସ୍ତରୀୟ ଶାସନ

ପ୍ରତି ଜିଲ୍ଲାକୁ କେତୋଟି ଉପଖଣ୍ଡ ବା ସବ୍‌ଡିଭିଜନରେ ଭାଗ କରାଯାଇଛି । ସବ୍‌ଡ଼ିଭିଜନର ମୁଖ୍ୟ ହେଉଛନ୍ତି ଉପଜିଲ୍ଲାପାଳ । ପ୍ରତି ସବ୍‌ଡିଭିଜନକୁ କେତୋଟି ତହସିଲରେ ଭାଗ କରାଯାଇଥାଏ ।

## ତହସିଲ୍‌ର ମୁଖ୍ୟ ହେଉଛନ୍ତି ତହସିଲଦାର



## ଅଭ୍ୟାସ

୧. କିଏ ମୁଖ୍ୟ ?

| | | | |
|---|---|---|---|
| ଜିଲ୍ଲାର → | | ହାଇକୋର୍ଟର → | |
| ସବଡ଼ିଭିଜନର → | | ତହସିଲ୍‌ର → | |

୨. କାହା ପାଖକୁ ଯିବା ?

(କ) ଜମିର ଖଜଣା ଦେବାକୁ -

(ଖ) ଜାତି, ବାସିନ୍ଦା, ଉତ୍ତରାଧିକାରୀ ଓ ଆୟର ପ୍ରମାଣ ପତ୍ର ପାଇଁ -

(ଗ) ଫୌଜଦାରୀ ମୋକଦ୍ଦମା ଦାଏର କରିବା ପାଇଁ -

(ଘ) ନିଜ ଜମିରେ କେହି ଘର କରିଲେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବା ପାଇଁ -

୩. ଜିଲ୍ଲାପାଳଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗ ଓ ପ୍ରତ୍ୟେକ ବିଭାଗର 'ମୁଖ୍ୟ ଅଧିକାରୀ' ନାମ ଲେଖ ।

| | ବିଭାଗ | ମୁଖ୍ୟ ଅଧିକାରୀ |
|---|---|---|
| ୧. | | |
| ୨. | | |
| ୩. | | |
| ୪. | | |
| ୫. | | |
| ୬. | | |

୪. ଆମ ରାଜ୍ୟର ହାଇକୋର୍ଟ କେଉଁଠାରେ ଅଛି ?



**ତୁମ ପାଇଁ କାମ -**

ତୁମ ଶିକ୍ଷକଙ୍କ ସହ ତହସିଲ ଅଫିସ, ଜିଲ୍ଲାପାଳଙ୍କ ଅଫିସ ଓ ଅଦାଲତକୁ ଯାଅ । କ'ଣ ଦେଖିଲ ଖାତାରେ ଲେଖ ।

